بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୮ ଡ଼ିସେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଅଲୀ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବିଗତ ଖୁତ୍‌ବାରୁ ହଜ଼ରତ ଅଲୀ ବିନ୍ ଅବୁ ତାଲିବ୍ ର.ଅଙ୍କ ଚର୍ଚ୍ଚା ଚାଲିଛି । ସେହି କ୍ରମରେ ଆଜି ହଜ଼ରତ ଅଲୀ ର.ଅଙ୍କ ଆଁହଜ଼ରତ ସ.ଅଙ୍କ ଶେଷ ରୋଗ ସମୟରେ ଯେଉଁ ସେବା ରହିଥିଲା ତାହାର ଚର୍ଚ୍ଚା ଏହିପରି ମିଳେ କି ଯେତେବେଳେ ନବୀ କରୀମ୍ ସ.ଅଙ୍କ ଅସୁସ୍ଥତା ବଢିଗଲା ସେତେବେଳେ ଏକ ଅବସରରେ ଆଁହଜ଼ରତ ସ.ଅ ଦୁଇ ଜଣ ବ୍ୟକ୍ତିଙ୍କ କାନ୍ଧରେ ଭରା ଦେଇ ହଜ଼ରତ ଆଏଶା ର.ଅଙ୍କ ଘରୁ ମସ୍‌ଜିଦ୍ ଯିବ ପାଇଁ ବାହାରିଲେ । ଆଁହଜ଼ରତ ସ.ଅଙ୍କ ପାଦ ଭୂମି ଉପରେ ରେଖାପାତ କରୁଥିଲା । ଅର୍ଥାତ ଦୁର୍ବଳତା କାରଣରୁ ତାଙ୍କର ପାଦ ଉଠୁନଥିଲା । ଏହି ଦୁଇ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ହଜ଼ରତ ଅବ୍‌ବାସ୍ ର.ଅ ଥିଲେ ଏବଂ ଅନ୍ୟ ଜଣେ ହଜ଼ରତ ଅଲୀ ର.ଅ ଥିଲେ ଯାହାଙ୍କର ଆଁହଜ଼ରତ ସ.ଅ ସାହାରା ନେଇଥିଲେ ।

ହଜ଼ରତ ଆମିର୍ ର.ଅ ବର୍ଣ୍ଣନା କରନ୍ତି କି ନବୀ କରୀମ୍ ସ.ଅଙ୍କ ବିୟୋଗ ପରେ ରସୁଲୁଲ୍ଲାଃ ସ.ଅଙ୍କୁ ହଜ଼ରତ ଅଲୀ ର.ଅ, ହଜ଼ରତ ଫଜ଼ଲ୍, ହଜ଼ରତ ଉସ୍‌ସାମା ବିନ୍ ଜୈଦ୍ ଏବଂ ହଜ଼ରତ ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍ ସ୍ନାନ କରେଇଥିଲେ ଏବଂ ଏହି ସାହାବାମାନେ ହିଁ ଆଁହଜ଼ରତ ସ.ଅଙ୍କୁ କବର ମଧ୍ୟକୁ ଓହ୍ଲାଇଥିଲେ ।

ହଜ଼ରତ ଅଲୀ ର.ଅଙ୍କ ହଜ଼ରତ ଅବୁ ବକ୍କର୍ ର.ଅଙ୍କ  ହସ୍ତରେ ବୈଅତ୍ କରିବା ପ୍ରଙ୍ଗରେ ବିଭିନ୍ନ ବର୍ଣ୍ଣନା ରହିଛି । କେତେକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ହଜ଼ରତ ଅଲୀ ର.ଅ ପୂର୍ଣ୍ଣ ପ୍ରସନ୍ନତା ଓ ଆଗ୍ରହର ସହିତ କାଳ ବିଳମ୍ବ ନକରି ହଜ଼ରତ ଅବୁ ବକ୍କର୍ ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ଆଉ କେତେକ ବିପରୀତ କଥନ ମଧ୍ୟ ଲେଖିଛନ୍ତି । ସେ ଯାହା ହେଉ ହଜ଼ରତ ଅବୁ ସଇଦ୍ ର.ଅଙ୍କ ବର୍ଣ୍ଣନା କି ପ୍ରବାସକାରୀ ଓ ଅନ୍‌ସାର୍‌ବୃନ୍ଦ ହଜ଼ରତ ଅବୁ ବକ୍କର ର.ଅଙ୍କ ବୈଅତ୍ କରିବା ପରେ ହଜ଼ରତ ଅବୁ ବକ୍କର୍ ର.ଅ ମଞ୍ଚ ଉପରେ ଚଢିଲେ ଏବଂ ଲୋକମାନଙ୍କ ଉପରେ ଦୃଷ୍ଟିପାତ କଲେ କିନ୍ତୁ ସେମାନଙ୍କ ମଧ୍ୟରେ ହଜ଼ରତ ଅଲୀ ର.ଅଙ୍କୁ ପାଇଲେ ନାହିଁ । ଅତଏବ ଅନ୍‌ସାର୍‌ମାନଙ୍କ ମଧ୍ୟରୁ କିଛି ଲୋକ ଗଲେ ଏବଂ ହଜ଼ରତ ଅଲୀ ର.ଅଙ୍କୁ ନେଇ ଆସିଲେ । ହଜ଼ରତ ଅବୁ ବକ୍କର୍ ର.ଅ ହଜ଼ରତ ଅଲୀ ର.ଅଙ୍କୁ ସମ୍ବୋଧିତ କରି କହିଲେ କି ହେ ରସୁଲୁଲ୍ଲାଃ ସ.ଅଙ୍କ ଚଚାଙ୍କ ପୁତ୍ର ଓ ଆଁହଜ଼ରତ ସ.ଅଙ୍କ ଜ୍ୱାଇଁ !  କ'ଣ ତୁମେ ମୁସଲମାନମାନଙ୍କ ଶକ୍ତିକୁ ଭଙ୍ଗ କରିବାକୁ ଚାହୁଁଛ ? ହଜ଼ରତ ଅଲୀ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲଙ୍କର ଖଲିଫା ! ଆପଣ ମୋର ଧର ପକଡ଼ କରନ୍ତୁ ନାହିଁ । ଏହାପରେ ସେ ହଜ଼ରତ ଅବୁ ବକ୍କର୍ ର.ଅଙ୍କର ବୈଅତ୍ କରିଥିଲେ ।

ହଜ଼ରତ ଅକ୍‌ଦସ୍ ମସିହ୍ ମଉଦ୍ ଅ.ସ କହନ୍ତି କି ହଜ଼ରତ ଅଲୀ ର.ଅ କରମହୁଲ୍ଲାଃହୁ ୱଜ୍‌ହୁ ପ୍ରଥମେ ପ୍ରଥମେ ହଜ଼ରତ ଅବୁ ବକ୍କର୍ ର.ଅଙ୍କର ବୈଅତ୍ କରିବାକୁ ବିରୋଧ କରିଥିଲେ । କିନ୍ତୁ ଘରକୁ ଯାଇ କେଜାଣି କ'ଣ ଚିନ୍ତା ଆସିଲା ଯେ, ସେ ପଗଡ଼ି ନ ବାନ୍ଧି ଏବଂ ଶୀଘ୍ର ଟୋପି ପିନ୍ଧି ବୈଅତ୍ କରିବାକୁ  ଚାଲିଆସିଲେ ଏବଂ ପରେ ପଗଡ଼ି ମଗେଇଥିଲେ । ଏଥିରୁ ଏହା ପ୍ରତିତ ହେଉଛି ଯେ, ତାଙ୍କ ମନରେ ଏହି ଚିନ୍ତାଧାରାଟି ଉଦ୍ରେକ ହୋଇଥିବ ଯେ, ଏହି

କଥା ତ' ପୂର୍ଣ୍ଣ ଅବଜ୍ଞାମୂଳକ ଯେ, ଅବୁ ବକ୍କର୍ ର.ଅଙ୍କ ବୈଅତ୍‌ରୁ ନିଜକୁ ଅଲଗା ରଖିବା । ଏହି କାରଣରୁ ସେ ବୈଅତ୍ କରିବା ପାଇଁ ଶୀଘ୍ରତା ପ୍ରକାଶ କଲେ । ଯାହାଫଳରେ କି ସେ ପଗଡ଼ି ବାନ୍ଧି ପାରି ନଥିଲେ । ଅର୍ଥାତ ସେ ପୂର୍ଣ୍ଣ ବସ୍ତ୍ର ମଧ୍ୟ ପରିଧାନ କରିପାରି ନଥିଲେ ଏବଂ ଶୀଘ୍ର ଶୀଘ୍ର ହଜ଼ରତ ଅବୁ ବକ୍କର୍ ର.ଅଙ୍କ ସେବାରେ ଉପସ୍ଥିତ ହୋଇଗଲେ ।

ହୁଜୁର ଅନୱର୍ ଅ.ବ କହିଲେ: ଯେଉଁ ଲୋକମାନେ ହଜ଼ରତ ଅବୁ ବକ୍କର୍ ର.ଅଙ୍କ ଉପରେ ଏହି ଦୋଷାରୋପ କରନ୍ତି ଯେ, ସେତେବେଳେ ହଜ଼ରତ ଅଲୀ ର.ଅ ଖଲିଫା ହେବା ଉଚିତ୍ ଥିଲା ନା କି ହଜ଼ରତ ଅବୁ ବକ୍କର୍ ର.ଅ । ଉକ୍ତ କଥାର ବ୍ୟାଖ୍ୟା କରି ହଜରତ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତ: ଯଦି ଆମେ ଏହା ମନେକରି ନେଉ କି ସିଦ୍ଦିକେ ଅକ୍‌ବର୍ ର.ଅ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ସଂସାର ଏବଂ ତାହାର ସୋନ୍ଦର୍ଯ୍ୟତାକୁ ପ୍ରାଧାନ୍ୟ ଦେଲେ ଏବଂ ସେ ଅପହରଣକାରୀ ଥିଲେ । ତେବେ ଏଭଳି ପରିସ୍ଥିତିରେ ଆମେ ଉକ୍ତ କଥା କହିବା ପାଇଁ ବାଧ ହେବା ଏବଂ ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ, ନାଉଯୁ ବିଲ୍ଲାଃ ଈଶ୍ୱରଙ୍କ ସିଂହ ହଜ଼ରତ ଅଲୀ ର.ଅ ମଧ୍ୟ କପଟବିଶ୍ୱାସୀଙ୍କ ମଧ୍ୟରେ ସାମିଲ ଥିଲେ ଏବଂ ଯେପରି ଆମେମାନେ ତାଙ୍କ ସପକ୍ଷରେ ଭାବୁ ଯେ, ସେ ସାଂସାରିକତାକୁ ପ୍ରାଧାନ୍ୟ ଦେଇଥିଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରତି ମୋହ ଲଗାଇ ନଥିଲେ । ତାହା ନୁହଁ ବରଂ ସେ ସାଂସାରିକତା ଓ ତାହାର ନାୟିକାକୁ ଭଲ ପାଇ ବସିଥିଲେ ଏବଂ ତାହାର ଚାକଚକ୍ୟ ପ୍ରତି ଆସକ୍ତ ଥିଲେ । ଏହି କାରଣରୁ ସେ ଅବିଶ୍ୱାସକାରୀ ଓ ଧର୍ମଭ୍ରଷ୍ଟ ବ୍ୟକ୍ତିର ସାହଚର୍ଯ୍ୟତାକୁ ପରିତ୍ୟାଗ କଲେ ନାହିଁ ବରଂ ଚାଟୁକାରିତା ଅବଲମ୍ବନକାରୀଙ୍କ ପରି ସେମାନଙ୍କ ମଧ୍ୟରେ ସାମଲ୍ ଥିଲେ ଏବଂ ପ୍ରାୟ ୩୦ ବର୍ଷ ବ୍ୟାପୀ ଧର୍ମପରାୟଣତା ଅବଲମ୍ବନ କଲେ ବା ଉକ୍ତ କଥାକୁ କାହାରି ଆଗରେ ପ୍ରକାଶ ନକରି ମନ ଭିତରେ ଚାପି ରଖିଲେ । ପୁନଶ୍ଚ ଯେତେବେଳେ ସିଦ୍ଦିକେ ଅ୍କ୍‌ବର୍ ର.ଅ ହଜ଼ରତ ଅଲୀ ର.ଅଙ୍କ ଦୃଷ୍ଟିରେ ଅପହରଣକାରୀ ଥିଲେ ତାହାହେଲେ ହଜ଼ରତ ଅଲୀ ର.ଅ କାହିଁକି ତାଙ୍କର ବୈଅତ୍ କରିବାକୁ ସହମତି ପ୍ରକାଶ କଲେ ଏବଂ କାହିଁକି ସେ ଅନ୍ୟାୟ, ଅତ୍ୟାଚାର, ଉପଦ୍ରବ ଏବଂ ଧର୍ମାନ୍ତରଣର ଭୂମି ଠାରୁ ଅନ୍ୟ ଦେଶ ଆଡ଼କୁ ପ୍ରବାସ କରିଗଲେ ନାହିଁ ? କ'ଣ ଅଲ୍ଲାତାଲାଙ୍କ ଭୂମି ଏତେ ପ୍ରଶସ୍ତ ନଥିଲା କି ସେ ସେଠାକୁ ପ୍ରବାସ କରି ଯାଇଥାନ୍ତେ ? ଯେପରି ଜଣେ ଧର୍ମପରାୟଣ ବ୍ୟକ୍ତିର ଏହି ପରମ୍ପରା ରହିଛି କି ଅନ୍ୟାୟ, ଅତ୍ୟାଚାର ଓ ଉପଦ୍ରବ ଅଞ୍ଚଳରୁ ଅନ୍ୟ ଦେଶକୁ ପ୍ରବାସ କରି ଯାଇଥାଆନ୍ତି । ବିଶ୍ୱସ୍ତ ଇବ୍ରାହିମ୍ ଅ.ସଙ୍କୁ ଦେଖ ! ଯେ, ସେ ସତ୍ୟ ସାକ୍ଷ୍ୟ ଦେବା ଲାଗି କିପରି ଦୃଢ ଓ ସଶକ୍ତ ଥିଲେ........ସେ ଅଗ୍ନିରେ ନିକ୍ଷେପ ହେଲେ ଏବଂ ଉପଦ୍ରବୀମାନଙ୍କୁ ଭୟ ନକରି ଲୁଚି ନଥିଲେ । ଏହା ହେଉଛି ଜଣେ ପୁଣ୍ୟବାନ୍ ବ୍ୟକ୍ତିର ଜୀବନୀ କି ସେ ଖଡ଼୍‌ଗ ଏବଂ ତୀରର ମୁନକୁ ଭୟ କରନ୍ତି ନାହିଁ ଏବଂ ସେ ଅନ୍ୟ କଥା ଉପରେ ଭରସା କରିବାକୁ ମହାପାପ ଏବଂ ନିର୍ଲଜତା ବୋଲି ବୋଧ କରନ୍ତି । ଆମେ ଆଶ୍ଚର୍ଯ୍ୟ ଯେ, ଅଲୀ ର.ଅ ସିଦ୍ଦିକ୍ ଅକ୍‌ବର୍ ଓ ଫାରୁକ୍ ର.ଅଙ୍କୁ ଅବିଶ୍ୱାସକାରୀ ଓ ଅନ୍ୟର ଅଧିକାର ଆତ୍ମସାତ୍‌କାରୀ ବୋଲି ଜାଣିବା ପରେ ମଧ୍ୟ କିପରି ସେମାନଙ୍କର ବୈଅତ୍ କରି ନେଇଥିଲେ.......ଏବଂ ପୂର୍ଣ୍ଣ ନିଷ୍ଠା ଏବଂ ଆସ୍ଥାପୂର୍ବକ ସେହି ଦୁହିଁଙ୍କୁ ଅନୁସରଣ କଲେ ଏବଂ ଏଥିରେ ସେ ନା କେବେ କୌଣସି ଦୁର୍ବଳତା ପ୍ରକାଶ କଲେ ଓ ନା ହିଁ କୌଣସି ଘୃଣାଭାବ ପ୍ରଦର୍ଶନ କଲେ ।

ଅତଏବ ହଜ଼ରତ ମସିହ୍ ମଉଦ୍ ଅ.ସ ସ୍ପଷ୍ଟ ରୂପେ କହି ଦେଇଛନ୍ତି ଯେ, ହଜ଼ରତ ଅଲୀ ର.ଅ କେବେହେଲେ ନିଜ ପୂର୍ବ ଖଲିଫାଙ୍କର ବିରୋଧ ପ୍ରଦର୍ଶନ କରି ନଥିଲେ ବରଂ ତାଙ୍କର ବୈଅତ୍ କରିଥିଲେ । ନଚେତ୍ ତୁମେମାନେ ଯେଉଁ କଥା ହଜ଼ରତ ଅଲୀ ର.ଅଙ୍କ ସଂପର୍କର କହୁଛ ଯେ, ସେ ହଜ଼ରତ ଅବୁ ବକ୍କର୍ ର.ଅଙ୍କର ବୈଅତ୍ କରି ନଥିଲେ । ଉକ୍ତ କଥାଟି ହଜ଼ରତ ଅଲୀ ର.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥାଏ ନାକି ମର୍ଯ୍ୟାଦାକୁ ବୃଦ୍ଧି ଘଟାଏ ।

ଖୁଲଫା ତ୍ରୟୀଙ୍କ ସମୟରେ ହଜ଼ରତ ଅଲୀ ର.ଅଙ୍କ ଯେଉଁ ସବୁ ଅବଦାନ ରହିଥିଲା ତତ୍‌ସଂକ୍ରାନ୍ତରେ ହୁଜୁର ଅନୱର୍ ଅ.ବ କହିଲେ କି ଯେତେବେଳେ ହଜ଼ରତ ଅବୁ ବକ୍କର୍ ର.ଅ ହଜ଼ରତ ଉସ୍‌ସାମା ର.ଅଙ୍କ ସୈନ୍ୟଦଳକୁ

ପ୍ରେରଣ କଲେ ସେତେବେଳେ ତାଙ୍କ ନିକଟରେ ଖୁବ୍ କମ୍ ସଂଖ୍ୟାକ ସୈନ୍ୟ ରହିଯାଇଥିଲେ । ଏହା ଦେଖି ନିପଟ ପଲ୍ଲୀପୁରର ଲୋକମାନେ ମଦିନା ଉପରେ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କଲେ । ଏହା ଦେଖି ହଜ଼ରତ ଅବୁ ବକ୍କର୍ ର.ଅ ମଦିନାକୁ ପ୍ରବେଶ କରୁଥିବା ବିଭିନ୍ନ ମାର୍ଗରେ ମଦିନାର ଆଖପାଖରେ ଜାଗ୍ରତ ପ୍ରହରୀ ମୁତୟନ କରି ଦେଇଥିଲେ । ସେମାନେ ନିଜର ସୈନ୍ୟ ଟୁକୁଡ଼ି ସହିତ ମଦିନାର ଆଖପାଖରେ ପ୍ରହରା ଦେଇ ରାତ୍ର ଯାପନ କରୁଥିଲେ । ସେହି ଜାଗ୍ରତ ପ୍ରହରୀଙ୍କ ମଧ୍ୟରୁ ହଜ଼ରତ ଅଲୀ ର.ଅ ମଧ୍ୟ ଜଣେ ଥିଲେ ।

ହଜ଼ରତ ଉମର୍ ର.ଅ ନିଜ ଶାସନକାଳରେ କେତେକ ଯାତ୍ରାର ସମ୍ମୁଖୀନ ହେବା ଯୋଗୁଁ ନିଜ ସ୍ଥାନରେ ହଜ଼ରତ ଅଲୀ ର.ଅଙ୍କୁ ମଦିନାର ଅମୀର୍ ନିଯୁକ୍ତ କରିଥିଲେ । ସୁତରାଂ ତିବ୍‌ରୀର ପୁସ୍ତକରେ ଉଲ୍ଲେଖ ରହିଛି ଯେ, ଯସର୍ ଯୁଦ୍ଧ ଅବସରରେ ମୁସଲମାନମାନଙ୍କୁ ଇରାନୀୟ ସୈନ୍ୟଦଳର ମୁକାବିଲା କରିବାକୁ ଯାଇ ଏକ ପ୍ରକାରର ପରାଜୟର ସ୍ୱାଦ ଆସ୍ୱାଦନ କରିବାକୁ ପଡ଼ିଥିଲା । ସେତେବେଳେ ହଜ଼ରତ ଉମର୍ ର.ଅ ଲୋକମାନଙ୍କର ପରାମର୍ଶ ଲୋଡ଼ି ଏହା ସ୍ଥିର କଲେ କି ସେ ସ୍ୱୟଂ ଇସ୍‌ଲାମୀୟ ସୈନ୍ୟଦଳ ସହିତ ଇରାନ୍‌ର ସୀମାକୁ ଯାଇ ଶତ୍ରୁର ମୁକାବିଲା କରିବେ । ଅତଏବ ସେ ନିଜ ପଛରେ ହଜ଼ରତ ଅଲୀ ର.ଅଙ୍କୁ ମଦିନାର ଗଭର୍ଣ୍ଣର ନିଯୁକ୍ତ କରିଥିଲେ ।

ହଜ଼ରତ ଉସ୍‌ମାନ୍ ର.ଅଙ୍କ ଶାସନକାଳରେ ଯେତେବେଳେ ବିଦ୍ରୋହ ଓ ଉପଦ୍ରବର ସୂତ୍ରପାତ ହେଲା ସେତେବେଳେ ହଜ଼ରତ ଅଲୀ ର.ଅ ସେହି ଉପଦ୍ରବକୁ ମୂଳପୋଛ କରିବା ପାଇଁ ଉସ୍‌ମାନ୍ ର.ଅଙ୍କୁ ନିଷ୍ଠାପୂର୍ବକ ପରାମର୍ଶ ଦେଇଥିଲେ । ଯେତେବେଳେ ମିସରୀୟମାନେ ହଜ଼ରତ ଉସ୍‌ମାନ୍ ର.ଅଙ୍କ ଘରର ଘେରାଉ କଲେ ଏବଂ ତାଙ୍କ ପ୍ରତି ଭୀଷଣ କଠୋରତା ଅବଲମ୍ବନ କଲେ ଏବଂ ଉସ୍‌ମାନ୍ ର.ଅଙ୍କ ଘରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବାରେ କଟକଣା ଲଗାଇ ଦେଲେ । ଅତଏବ ଯେତେବେଳେ ହଜ଼ରତ ଅଲୀ ର.ଅଙ୍କୁ ଏହି ସୂଚନା ମିଳିଲା ସେତେବେଳେ ସେ ତିନୋଟି ଜଳ ପୂର୍ଣ୍ଣ କଳସ ଧରି ହଜ଼ରତ ଉସ୍‌ମାନ୍ ର.ଅଙ୍କ ଘରକୁ ପ୍ରେରଣ କରିଥିଲେ । କିନ୍ତୁ ବିଦ୍ରୋହୀମାନଙ୍କର ବାଧା ଯୋଗୁଁ ତାହା ହଜ଼ରତ ଉସ୍‌ମାନ ର.ଅଙ୍କ ଘରେ ପହଞ୍ଚି ପାରି ନଥିଲା । ସେହି ପାନୀୟକୁ ପହଞ୍ଚାଇବାକୁ ଯାଇ ବନୁ ହାଶିମ୍ ଓ ବନୁ ଉମୈୟାର ଅନେକ ଦାସ ଆହତ ହୋଇଥିଲେ । ଏହିପରି ବିଦ୍ରୋହୀମାନଙ୍କ ସତଚେଷ୍ଟା ସତ୍ତ୍ୱେ ପରିଶେଷରେ ପାନୀୟ ହଜ଼ରତ ଉସ୍‌ମାନ ର.ଅଙ୍କ ଘରେ ପହଞ୍ଚିଗଲା । ଯେତେବେଳେ ହଜ଼ରତ ଅଲୀ ର.ଅଙ୍କୁ ଏହା ଜ୍ଞାତ ହେଲା କି ହଜ଼ରତ ଉସ୍‌ମାନ୍ ର.ଅଙ୍କ ହତ୍ୟା ଷଡ଼ଯନ୍ତ୍ର ପ୍ରସ୍ତୁତ ହେଉଛି ସେତେବେଳେ ସେ ନିଜର ସୁପୁତ୍ର ଦ୍ୱୟ ଇମାମ୍ ହସନ୍ ଓ ଇମାମ୍ ହୁସୈନ୍ ର.ଅଙ୍କୁ କହିଲେ ନିଜର ଖଡ଼୍‌ଗ ନେଇଯାଅ ! ଏବଂ ହଜ଼ରତ ଉସ୍‌ମାନ୍ ର.ଅଙ୍କ ଘରର ଦ୍ୱାର ସମ୍ମୁଖରେ ଛିଡ଼ା ହୋଇଯାଅ ଏବଂ ସାବଧାନ ! ଯେପରି କୌଣସି ବୁଲୱାଇ ତାଙ୍କ ପର୍ଯ୍ୟନ୍ତ ନ ପହଞ୍ଚୁ ।

ପୁନଶ୍ଚ ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ ହଜ଼ରତ ଉସ୍‌ମାନ୍ ର.ଅଙ୍କ ଶାହାଦତ୍‌ର ପରବର୍ତ୍ତୀ ଘଟଣାବଳୀ ସଂପର୍କରେ ଅନ୍ୟତ୍ର ଚର୍ଚ୍ଚା କରି ଏହିପରି ବର୍ଣ୍ଣନା କରନ୍ତି ଯେ, ଦିନେ ଦୁଇ ଦିନ ସେହି ଉପଦ୍ରବକାରୀଙ୍କ ଖୁବ୍ ଲୁଣ୍ଠନର ବଜାର ଗରମ ରହିଲା । କିନ୍ତୁ ଯେତେବେଳେ ଉତ୍ସାହ କ୍ରମେ ଶିଥିଳ ହେଲା ସେତେବେଳେ ସେହି ବିଦ୍ରୋହୀମାନଙ୍କୁ ସେମାନଙ୍କର କୁପରିଣତିର ହେଜ ପସିଲା ଏବଂ ସେମାନଙ୍କ ମନରେ କୋକୁଆ ଭୟ ଉଙ୍କି ମାରିଲା କି ବର୍ତ୍ତମାନ ସେମାନଙ୍କର ଅବସ୍ଥା କ'ଣ ହେବ ? ସୁତରାଂ କେତେକ ବିଦ୍ରୋହୀମାନେ ଏହା ଭାବିଲେ ଯେ, ହଜ଼ରତ ମୁଆୱିୟା ଜଣେ ବୀର ବ୍ୟକ୍ତି ଅଟନ୍ତି ଏବଂ ସେ ନିଶ୍ଚୟ ଉକ୍ତ ହତ୍ୟାର ପ୍ରତିଶୋଧ ନେବେ ଅତଏବ ସେମାନେ ସିରିୟା ମୁହାଁ ହେଲେ ଏବଂ ସେଠାକୁ ଯାଇ ସେମାନେ ସ୍ୱୟଂ କୁମ୍ଭୀର କାନ୍ଦଣା କାନ୍ଦିବା ଆରମ୍ଭ କରିଦେଲେ ଯେ, ହଜ଼ରତ ଉସ୍‌ମାନ୍ ର.ଅ ଶହୀଦ୍ ହୋଇ ଯାଇଛନ୍ତି ଏବଂ କେହି ତାଙ୍କର ପ୍ରତିଶୋଧ ନେଉ ନାହାନ୍ତି । କେତେକ ବିଦ୍ରୋହୀମାନେ ପଳାୟନ କରି ମକ୍କା ବାଟରେ ହଜ଼ରତ ଜୁବୈର୍ ଓ ହଜ଼ରତ ଆଏଶା ର.ଅଙ୍କୁ ସାକ୍ଷାତ୍ କଲେ ଏବଂ କହିଲେ କି କିଭଳି ଅନ୍ୟାୟ ଓ ଅତ୍ୟାଚାର ହୋଇଛି ଯେ, ଇସ୍‌ଲାମ୍‌ର ଖଲିଫାଙ୍କୁ ଶହୀଦ୍ କରିଦିଆ ଯାଇଛି ହେଲେ ହେଁ ମୁସଲମାନମାନେ ନିରବ ରହିଛନ୍ତି । କିଛି

ବିଦ୍ରୋହୀମାନେ ହଜ଼ରତ ଅଲୀ ର.ଅଙ୍କ ପାଖକୁ ଗଲେ ଏବଂ କହିଲେ କି ବର୍ତ୍ତମାନ ସମୟଟି ବିପତ୍ତିର ସମୟ ଅଟେ । ବୋଧ ହୁଏ ଇସ୍‌ଲାମୀୟ ଶାସନ ଭାଙ୍ଗି ଯିବାର ଆଶଙ୍କା ରହିଛି ତେଣୁ ଆପଣ ବୈଅତ୍ ନିଅନ୍ତୁ । ଲୋକମାନଙ୍କର ଭୟଟି ଯେପରି ଦୂରୀଭୂତ ହେଉ ଏବଂ ଶାନ୍ତି, ସହାବସ୍ଥାନ ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ । ଯେଉଁ ସାହାବାମାନେ ମଦିନାରେ ଉପସ୍ଥିତ ଥିଲେ ସେମାନେ ମଧ୍ୟ ସମ୍ମତିପୂର୍ବକ ଏହା ପରାମର୍ଶ ଦେଲେ କି ବର୍ତ୍ତମାନ ଏହା ଉଚିତ ହେବ କି ଆପଣ ଉକ୍ତ ଗୁରୁ ଦାୟିତ୍ୱ ବହନ କରନ୍ତୁ । କାରଣ ଆପଣଙ୍କର ଏହି ଦାୟିତ୍ୱଟି ପୁଣ୍ୟ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତାର କାରଣ ସାବ୍ୟସ୍ତ ହେବ । ଯେତେବେଳେ ହଜ଼ରତ ଅଲୀ ର.ଅଙ୍କୁ ଚତୁର୍ପାର୍ଶ୍ୱରୁ ଚାପ ପଡ଼ିଲା ସେତେବେଳେ ହଜ଼ରତ ଅଲୀ ର.ଅଙ୍କ ଅନେକ ଥର ଅସ୍ୱୀକାର କରିବା ପରେ ପରିଶେଷରେ ହଜ଼ରତ ଅଲୀ ର.ଅ ଉକ୍ତ ଦାୟିତ୍ୱକୁ ବହନ କଲେ ଏବଂ ବୈଅତ୍ ନେଲେ । ନିଃସନ୍ଦେହ ରୂପେ ହଜ଼ରତ୍ ଅଲୀ ର.ଅଙ୍କର ଏହି କାର୍ଯ୍ୟ ଅତି ବୌଦ୍ଧିକତା ପୂର୍ଣ୍ଣ ଥିଲା । ଯଦି ଅଲୀ ର.ଅ ସେତେବେଳେ ବୈଅତ୍ ନ ନେଇ ଥାଆନ୍ତେ ତାହାହେଲେ ଇସ୍‌ଲାମ୍‌କୁ ଏହାଠୁ ବି ଅଧିକ କ୍ଷତି ସହ୍ୟ କରିବାକୁ ପଡ଼ି ଥାଆନ୍ତା ଯେପରି ଅଲୀ ର.ଅ ଓ ମୁଆୱିୟାଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ଦ୍ୱାରା ଇସ୍‌ଲାମ୍‌କୁ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା ।

ଆଜି ପୁନଶ୍ଚ ମୁଁ ଉପଦ୍ୱୀପରେ ବସବାସ କରୁଥିବା ଅହମଦିମାନଙ୍କ ପାଇଁ ଓ ପାକିସ୍ତାନ୍‌ରେ ବସବାସ କରୁଥିବା ଅହେମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ଅଲ୍ଲାଃତାଲା ସେମାନଙ୍କୁ ସୁରକ୍ଷିତ ରଖନ୍ତୁ । ଉପଦ୍ୱୀପରେ ମଧ୍ୟ ପରିସ୍ଥିତିକୁ ଅତ୍ୟନ୍ତ ଜଟିଳ କରାଯାଉଛି । ସେଠାକାର ସରାକୀର ଓକିଲ ମଧ୍ୟ ଆମ ଅହେମଦିମାନଙ୍କ ବିରୁଦ୍ଧରେ ବାରମ୍ବାର ମିଛ ମକଦମା କରୁଛନ୍ତି । ସେହିପରି ପାକିସ୍ତାନ୍‌ରେ ମଧ୍ୟ ଅହେମଦିମାନଙ୍କ ପାଇଁ ଜଟିଳାତ ଉତ୍ପନ୍ନ କରାଯାଉଛି । ଅଲ୍ଲାଃତାଲା ସେହି ସମସ୍ତ ଜଟିଳତା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ କିମ୍ବା ଯେକୌଣସି ପ୍ରକାରର ବିରୋଧ ପ୍ରଦର୍ଶନକାରୀଙ୍କୁ ଅନ୍ୟମାନଙ୍କ ନିମନ୍ତେ ଏକ ଉଚିତ ଶିକ୍ଷା ଆହରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଯଥାଶୀଘ୍ର ଯେଉଁଠି ବିଷମ ପରିସ୍ଥିତି ରହିଛି ଏବଂ ଯେଉଁ ଅହେମଦିମାନେ ଅତି ଜଟିଳ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି, ସେଠାକାର ପରିସ୍ଥିତି ସୁଧାରି ଦିଅନ୍ତୁ ଏବଂ ସେମାନଙ୍କ ଲାଗି ସହଜତା ଏବଂ ସରଳତା ସୃଷ୍ଟି କରନ୍ତୁ । କିନ୍ତୁ ଏଥିସହ ମୁଁ ଏହା ମଧ୍ୟ କହିବି କି ପାକିସ୍ତାନର ଅହେମଦିମାନଙ୍କୁ ଯେଉଁଭଳି ବିଶେଷ ରୂପେ ଦୁଆ କରିବାର ଆବଶ୍ୟକତା ରହିଛି ସେହିଭଳି ଧ୍ୟାନ ଅଦ୍ୟାପି ହେଉ ନାହିଁ । ଅତଏବ ପୂର୍ବାପେକ୍ଷା ଅଧିକ ଦୁଆ ଆଡ଼କୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ଆମମାନଙ୍କୁ ଯଥାଶୀଘ୍ର ଏହି ସମସ୍ୟାରୁ ଉଦ୍ଧାର କରନ୍ତୁ ଏବଂ ଆମମାନଙ୍କ ପାଇଁ ସରଳତା ଉତ୍ପନ୍ନ କରନ୍ତୁ ଏବଂ ଇସ୍‌ଲାମ୍‌ର ପ୍ରକୃତ ସନ୍ଦେଶକୁ ଆମେମାନେ ସ୍ୱାଧୀନତାର ସହିତ ପକିସ୍ତାନ୍‌ରେ ଓ ପୃଥିବୀର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ଖୁତ୍‌ବାର ଶେଷରେ ହୁଜୁର ଅନୱର୍ ଅ.ବ ସମ୍ମାନନୀୟ ସ୍ୱର୍ଗତ ଡ଼ାକ୍ତର ତାହିର୍ ଅହେମଦ ସାହେବ୍ ରବ୍‌ୱା, ସମ୍ମାନନୀୟ ସ୍ୱର୍ଗତ ହବିବୁଲ୍ଲାଃ ମଜ଼୍‌ହର୍ ସାହେବ୍, ସମ୍ମାନନୀୟ ସ୍ୱର୍ଗତ ବଶୀରୁଦ୍ଦୀନ୍ ଅହେମଦ୍ ସାହେବ ଏବଂ ସମ୍ମାନନୀୟା ସ୍ୱର୍ଗତା ଅମିନା ଅହେମଦ୍ ସାହେବାଙ୍କ ଉତ୍ତମ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ନମାଜ଼ ଜୁମା ପରେ ଏମାନଙ୍କର ନମାଜ଼ ଯନାଜାଃ ଗାଏବ୍ ପଢେଇବାର ଘୋଷଣା କଲେ ।

.........................

**KHULASA KHUTBA JUMA HUZOOR ANWAR a.b.a**

**18th Dec. 2020**